# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 June– 2026**

# ଆମୋନିଆ ଗ୍ୟାସ୍ ଲିକ୍-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଦୁଃଖପ୍ରକାଶ କରିଛନ୍ତି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏବଂ ଆହତଙ୍କ ମଧ୍ୟରେ କେତେକ ଓଡ଼ିଆ ଶ୍ରମିକ ଥିବାର ଆଶଙ୍କା କରାଯାଉଛି । ତେବେ ପରିସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ୩ଜଣ ବରିଷ୍ଠ ଅଧିକାରୀଙ୍କୁ ସେଠାକୁ ପଠାଇଛନ୍ତି । ତାମିଲନାଡୁର ପ୍ରଶାସନ ସହ ସମନ୍ୱୟ ମାଧ୍ୟମରେ ଘଟଣାରେ ପ୍ରଭାବିତ ଓଡ଼ିଆ ଶ୍ରମିକଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ କମିଟି ସଦସ୍ୟଙ୍କୁ କୁହାଯାଇଛି । ଗ୍ୟାସ୍ଲିକ୍ ଘଟଣାରେ ୭ଜଣଙ୍କର ମୃତ୍ୟୁ ହେବା ସହ ୭୦ରୁ ଅଧିକ ଆହତ ହୋଇଥିବା ଜଣାପଡିଛି ।

# ଜନବିଶ୍ୱାସ ଆଇନ୍ ୨୦୨୬

ଜନବିଶ୍ୱାସ ଆଇନ୍ ୨୦୨୬ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି । ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ ଆଇନ୍ ଅନୁଯାୟୀ ରେଳଆଇନ୍ ୧୯୮୯ର ବିଭିନ୍ନ ଧାରାରେ ସଂଶୋଧନ କରାଯାଇଛି । ଆଇନ୍ ଉଲ୍ଲଙ୍ଘନ କ୍ଷେତ୍ରରେ ଜୋରିମାନା ରାଶି ବୃଦ୍ଧି କରାଯାଇଛି ।

ବେଆଇନ୍ ରେଳଯାତ୍ରା କ୍ଷେତ୍ରରେ ଜୋରିମାନା ରାଶି ଅଢ଼େଇଶହ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ବାରମ୍ବାର ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ କାରାଦଣ୍ଡ ସହ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବାକୁ ନୂତନ ଆଇନ୍‌ରେ ବ୍ୟବସ୍ଥା ରହିଛି ।

## ରାଜ୍ୟପାଳ

ଏକତା ମଧ୍ୟରେ ବିବିଧତା ହେଉଛି ଭାରତର ସର୍ବଶ୍ରେଷ୍ଠ ଶକ୍ତି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଲୋକଭବନର ନିଉ ଅଭିଷେକ ହଲ୍‌ରେ ଅନୁଷ୍ଠିତ ପଶ୍ଚିମବଙ୍ଗ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ପ୍ରତ୍ୟେକ ଭାଷା, ସଂସ୍କୃତି, ପରମ୍ପରା ଏବଂ ଗୋଷ୍ଠୀ ଦେଶର ଏକତା ମଧ୍ୟରେ ବିବିଧତାକୁ ସମୃଦ୍ଧ କରୁଛି । ଏହି ଅବସରରେ ପଶ୍ଚିମବଙ୍ଗର ଐତିହ୍ୟ ସଂସ୍କୃତି ଉପରେ ଆଧାରିତ ଏକ ଅଡିଓ ଭିଜୁଆଲ ପ୍ରଦର୍ଶିତ ହୋଇଥିଲା ।

## ଏସ୍‌ଆଇଆର୍

ରାଜ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ସଘନ ଭୋଟରତାଲିକା ସଂଶୋଧନ ପ୍ରକ୍ରିୟାରେ ଗତକାଲି ସୁଦ୍ଧା ମୋଟ୍ ୯୯ ଦଶମିକ ୭/୫ ପ୍ରତିଶତ ଅର୍ଥାତ୍ ୩ କୋଟି ୩୩ଲକ୍ଷ ୧୫ହଜାର ୮୯୭ଜଣଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ସଂଗୃହୀତ ହୋଇଥିବା ମୋଟ୍ ଫର୍ମ ମଧ୍ୟରୁ ୨କୋଟି ୭୧ଲକ୍ଷ ୩୧ହଜାର ୩୧୨ଜଣଙ୍କର ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ରାଜ୍ୟ ମୁଖ୍ୟ ନିର୍ବାଚ ଅଧିକାରୀ ଆର୍.ଏସ୍. ଗୋପାଳନ ଗତକାଲି

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଡିଜିଟାଇଜେସନ କେନ୍ଦ୍ର ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଆସନ୍ତା ୨୮ ତାରିଖକୁ ସମସ୍ତ ପ୍ରକ୍ରିୟାର ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

## ଭତ୍ତା ରାଶି ପ୍ରଦାନ

ରାଜ୍ୟରେ ଅପେକ୍ଷାରତ ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ ୯୧ ପ୍ରତିଶତରୁ ଅଧିକଙ୍କୁ ଭତ୍ତା ପ୍ରଦାନ କରାଯାଇ ସାରିଲାଣି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଚଳିତ ଆର୍ଥିକ ବର୍ଷରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମକୁ ଏନ୍.ଏସ୍.ଏ - ସ୍ୱର୍ଣ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି । ମୋଟ୍ ୧୯ଲକ୍ଷ ୨୨ହଜାର ୫୨୫ ହିତାଧିକାରୀଙ୍କ ମଧ୍ୟରୁ ୧୭ଲକ୍ଷ ୬୦ହଜାର ୪୩୫ଜଣଙ୍କୁ ବକେୟା ପ୍ରାପ୍ୟ ସହ ପେନ୍‌ସନ ପ୍ରଦାନ କରାଯାଇ ସାରିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

## ୟୁଜିସି ନେଟ୍ - ପରୀକ୍ଷା

ୟୁଜିସି ନେଟ୍ ୨୦୨୬ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ହେଉଥିବା ଏହି କମ୍ପ୍ୟୁଟର ଆଧାରିତ ସିବିଟି ମୋଡ ପରୀକ୍ଷା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ଏହି ପରୀକ୍ଷା କରାଯିବ । କନିଷ୍ଠ ଗବେଷକ ଫେଲୋସିପ୍-ଜେଆର୍‌ଏଫ୍, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ପ୍ରବେଶ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି। ଏନ୍‌ଟିଏ

ୱେବ୍‌ସାଇଟ୍‌ରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ରହିଛି । ତେବେ ପରୀକ୍ଷା ପୂର୍ବରୁ ପ୍ରଦତ୍ତ ସମସ୍ତ ବିବରଣୀକୁ ସମ୍ପୂର୍ଣ୍ଣଭାବେ ପଢ଼ି ଅବଗତ ହେବାକୁ ଏନ୍‌ଟିଏ ପରାମର୍ଶ ଦେଇଛି ।

## ବିଦ୍ୟୁତ୍ ନିୟମାବଳୀ

ରାଜ୍ୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣାକୁ ପ୍ରତିହତ କରିବା ଏବଂ ସୁରକ୍ଷା ସମ୍ପର୍କିତ ନିର୍ଦ୍ଦେଶାବଳୀ କଡାକଡି ପାଳନ କରିବା ଲକ୍ଷ୍ୟନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ଗ୍ରୀଡ୍ ସହିତ ନୂତନ କିମ୍ବା ନବୀକରଣୀୟ ବିଦ୍ୟୁତ୍ ଲାଇନ୍ ସଂଯୋଗୀକରଣ ଏବଂ ସୁରକ୍ଷା ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସରଳ ତଥା ସୁ-ବ୍ୟବସ୍ଥିତ ଲକ୍ଷ୍ୟନେଇ ଶକ୍ତିବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ନିୟମାବଳୀ ୨୦୨୩ ଅଧୀନରେ ରାଜ୍ୟ ସରକାର ଏହି ନୂତନ ନିୟମାବଳୀ ଲାଗୁ ରିଛନ୍ତି ।

## ଜନଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେତେକ ଗୁରତ୍ୱପୂର୍ଣ୍ଣ କାର୍ଯ୍ୟ ହେତୁ ଜନଶୁଣାଣି ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧମ ଦ୍ୱାରା ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

# ସନ୍ତରଣ ପ୍ରତିଯୋଗିତା

ଗୁଜୁରାଟର ଅହମ୍ମଦାବାଦଠାରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାର ମହିଳା ୪ ଗୁଣନ ୧୦୦ ମିଟର ମିଡିଲେ ରିଲେରେ ଓଡ଼ିଶା ଦଳକୁ ରୌପ୍ୟପଦକ ମିଳିଛି । ଏହି ପ୍ରତିଯୋଗିତାରେ ମହିଳା ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜପଦକ ଜିତିଛନ୍ତି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୫ ଦିନ ମଧ୍ୟରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ମୌସୁମୀବାୟୁ ଆହୁରି ସକ୍ରିୟ ହେବା ସହ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ରାଜ୍ୟରେ ଗତକାଲି ପ୍ରାୟ ସମସ୍ତ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ତଳେ ରହିଥିଲା ।